**ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ**

ରାଜକନିକା(ଡି.ଏନ.ଏ.): ରାଜକନିକା ବ୍ଲକ ଅନ୍ତର୍ଗତ ପଣସଗଣ୍ଡ ପଞ୍ଚାୟତର ଦାମୋଦରପୁର ଗାଁର ରତ୍ନାକର ମଲିକଙ୍କ ପୁଅ ସୌଭାଗ୍ୟ ବୁଧବାର ଘରେ ଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ଆହତ ଅବସ୍ଥାରେ ପ୍ରଥମେ କଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ଜଣେ ଗରିବ ହୋଇଥିବା ବେଳେ ସ୍ତ୍ରୀ ଓ ୩ ଟି ସନ୍ତାନ ଅଛନ୍ତି। ସୌଭାଗ୍ୟ ମଜୁରି ଲାଗି ପରିବାର ଚଳାଉଥିଲେ। ଏହି ଗରିବ ପରିବାରଟି ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ନିବେଦନ କରିଛନ୍ତି।



## ସଂକ୍ଷେପରେ

### ଦୁର୍ଘଟଣାରେ ଅଧ୍ୟାପକଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ,୩୦।୧୨(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ - ରାଜନଗର ରାସ୍ତାର ଭେଡିସାହି ନିକଟରେ ବୁଧବାର ସଡ଼କ ଦୁର୍ଘଟଣାରେ ପଟ୍ଟାମୁଣ୍ଡାଇ କଲେଜର ବାଣିଜ୍ୟ ବିଭାଗ ଇଂରାଜି ଅଧାପକ ସଞ୍ଜୀବ କୁମାର ଦାଶ (୫୮)ଙ୍କ ମୃତ୍ୟୁ ଘଟିଛି। ଅଧାପକ ସଞ୍ଜୀବ କଲେଜରୁ କାମ ସାରି ବାଇକ୍ ଯୋଗେ ନିଜ ଘର ସଂସାରଫଳ ଫେରିବା ସମୟରେ ଭେଡିସାହି ନିକଟରେ ଏକ ହାଇୱା ସହ ଧକ୍କା ହୋଇଥିଲା। ତୁରନ୍ତ ଅଧାପକ ସଞ୍ଜୀବଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ହାଇୱାକୁ ପୋଲିସ ନିଜ ହେପାଜତକୁ ନେଇଛି। ପଟ୍ଟାମୁଣ୍ଡାଇ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ: ଯୁବକ ଗିରଫ

ଧର୍ମଶାଳା,୩୦।୧୨(ଡି.ଏନ.ଏ.): ଜେନାପୁର ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଗାଁର ଜଣେ ଯୁବକ ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଅଡୁଆରେ ପଡ଼ିଛନ୍ତି। ଏ ନେଇ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଗାଁର ସୁବଳ ସ୍ୱାଇଁ (୪୨)। ସୁବଳ ଥାନା ଅଞ୍ଚଳର ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହାକୁ ମହିଳାଙ୍କ ଶାଶୁ ଘର ଲୋକ ଦେଖିବା ପରେ ତାଙ୍କ ବାପ ଘରକୁ ପଠାଇଥିଲେ। ପରେ ମହିଳା ଜଣକ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୮୮/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଟଙ୍କା ଭାଗବଣ୍ଟାକୁ ନେଇ ଗୋଷ୍ଠୀ ସଂଘର୍ଷ, ୧୦ ଆହତ

ଧର୍ମଶାଳା,୩୦।୧୨(ଡି.ଏନ.ଏ.): ଜେନାପୁର ଥାନା ଅଧୀନ ରାହାଡ଼ପୁର ଗାଁରେ ଟଙ୍କା ଭାଗବଣ୍ଟାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଗୋଟିଏ ଗୋଷ୍ଠୀରୁ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ଘଟଣାର ଅନୁସନ୍ଧାନ ଜାରି ରଖିଛି। ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ। ଗୁରୁବାର ସନ୍ଧ୍ୟାରେ କୌଣସି ବାବଦକୁ ଥିବା ଟଙ୍କାକୁ ନେଇ ଗାଁର ସାହାଣୀ ପରିବାର ଓ ଦେଉରି ପରିବାର ମଧ୍ୟରେ ବଚସା ହୋଇଥିଲା। ଏହା ଉଗ୍ରରୂପ ନେବା ପରେ ସାହାଣୀ ପରିବାର ପକ୍ଷରୁ ପ୍ରଭାକର ସହାଣୀ, ବଳରାମ ସାହାଣୀ, ରଞ୍ଜନ ସାହାଣୀ, ସୁନାକର ପ୍ରଧାନ, ଗୌରାଙ୍ଗ ସାହାଣୀ, ସୁଦାମ ସାହାଣୀ ଓ ରାଜୁ ପ୍ରଧାନ ପ୍ରମୁଖ ଠେଙ୍ଗାରେ ପଦନ ଦେଉରି, ଯଦୁମଣୀ ଦେଉରି ଓ ତାଙ୍କ ସ୍ତ୍ରୀ ଶାନ୍ତିଲତା ଦେଉରି, ବିପିନ ଦେଉରି, ଟୁରିଆ ଦେଉରି, ମଙ୍ଗୁଳି ଦେଉରି, ବର୍ଷା ଦେଉରି, ସନାତନ ଦେଉରି ଓ ଘନିଆ ଦେଉରି ପ୍ରମୁଖଙ୍କୁ ମାଡ଼ ମାରିଥିଲେ। ଅନ୍ୟପକ୍ଷରେ ରାହାଡ଼ପୁର ପାହାଡ଼ର ପରିବହନ ଗାଡ଼ିରୁ ଆଦାୟ ଟଙ୍କା ଭାଗବଣ୍ଟାକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିବା ଶୁଣିବାକୁ ମିଳୁଛି।

### ପାହାଡ଼ ଖନନକୁ ଗ୍ରାମବାସୀଙ୍କ ବିରୋଧ

ଚଣ୍ଡିଖୋଲ,୩୦।୧୨(ଡି.ଏନ.ଏ.): ବୌଦ୍ଧପୀଠ ଲଳିତଗିରି ନିକଟସ୍ଥ କେଶରାଇପୁର ଓ ପାରାଭାଡ଼ି ପାହାଡ଼ ଖନନ ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାର ଅବଢ଼ା ଯୋଜନାରେ ପୁରୀ ସହରକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ ପାଇଁ ଯେଉଁ ଯୋଜନା କରିଛନ୍ତି ସେଥିପାଇଁ ଆବଶ୍ୟକ ପଥର ଉପରୋକ୍ତ ଦୁଇ ପାହାଡ଼ରୁ ଯିବ। ତେବେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଛନ୍ତି। ବୁଧବାର ବଡ଼ଚଣା ବ୍ଲକ କେଶରାଇପୁରଠାରେ କେଶରାଇପୁର, ଶୁଖୁଆପଡ଼ା ଓ ଲଳିତଗିରି ଗ୍ରାମବାସୀ ଏକତ୍ରିତ ହୋଇ ବୁଦ୍ଧାୟନର ସଭାପତି ପ୍ରଦୀପ୍ତ ଭୂୟାଁଙ୍କ ଅଧକ୍ଷତାରେ ଏକ ସଭା କରିଥିଲେ। ଏଥିରେ ସେମାନେ ଦର୍ଶାଇଥିଲେ ଯେ ପୁରୀ ସହରର ଉନ୍ନତି ପାଇଁ ବୌଦ୍ଧ ସଂସ୍କୃତି ଓ ଐତିହ୍ୟକୁ ଧ୍ୱଂସ ହେବାକୁ ଦିଆଯିବନି। ରାଜ୍ୟ ସରକାର ଅନ୍ୟ ପାହାଡ଼ରୁ ଖନନ କରନ୍ତୁ। ଏ ନେଇ ୨୬ ତାରିଖରେ ପାହାଡ଼ର ପାଦଦେଶରେ ଥିବା ଲଙ୍ଗୁଳି ମଠ ପରିସରରେ ଏକ ପ୍ରତିବାଦ ସଭା କରାଯାଇ ଖନନକୁ ବିରୋଧ କରାଯାଇଥିଲା। ଖନନ ବନ୍ଦ ପାଇଁ ଯାଜପୁର ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଭୂୟାଁ ମତ ଦେଇଛନ୍ତି। ଏହି ପ୍ରତିବାଦ ସଭାରେ ରଜିଆ ଦେହୁରି, ଭରତ ଦେହୁରି, ଲିଲି ଦେହୁରି, ବାଦଲ ଦେହୁରି, ଜଗନ୍ନାଥ ମହାରଣା, ଗୋପାଳ ମହାରଣା ପ୍ରମୁଖ ଯୋଗଦେଇ ସେମାନଙ୍କ ମତ ରଖିଥିଲେ।

# ଚାଷ, ପାନୀୟ ଜଳ ପ୍ରଭାବିତ ହେବ

## ଲୁଣା ନଦୀ ଜଳସ୍ତର କମୁଛି

କେନ୍ଦ୍ରାପଡ଼ା ଅଫିସ, ୩୦।୧୨

ଖରାଦିନ ଆରମ୍ଭ ହୋଇନାହିଁ। ହେଲେ କେନ୍ଦ୍ରାପଡ଼ା ସହର ପାଇଁ ପାନୀୟ ଜଳସ୍ତର ଶୁଖିବାକୁ ଆରମ୍ଭ ହେଲାଣି। ପିଏଚ୍‌ଡି ଓ ଜଳସମ୍ପଦ ବିଭାଗ ପକ୍ଷରୁ ସହରର ପାଣି ଯୋଗାଣ ପାଇଁ କଳପଡ଼ା ମୋଟର ହାଉସ ପର୍ଯ୍ୟନ୍ତ ଲୁଣା ନଦୀଗର୍ଭରୁ ନାଳି କରାଯାଇଛି। ଏହି ନାଳିର ଗଭୀରତାକୁ ଲକ୍ଷ୍ୟ କଲେ ଜାନୁୟାରୀ ଶେଷ ସୁଦ୍ଧା ଏହାର ପୁନଃଖନନ ଆବଶ୍ୟକତା ପଡ଼ିବ। ଲୁଣାନଦୀର ଜଳସ୍ତର ହ୍ରାସ ଫଳରେ ପାନୀୟ ଜଳ ସହ ଚାଷ ପ୍ରଭାବିତ ହେବା ଆଶଙ୍କା ରହିଛି। ଅପରପକ୍ଷରେ ଜଳସମ୍ପଦ ବିଭାଗ ତଥ୍ୟ ଅନୁଯାୟୀ, ପଡାଗୟାସପୁର, ଗୟାସପୁର, ଥାଉରୀ, ଚଢ଼େଇଗୁଆଁ, ରାଜଗଡ, ଅଙ୍ଗୁଳାଇ ଆଦି ସ୍ଥାନରେ ଚେକ୍ ଡ୍ୟାମ୍ କରାଯାଇ ଜଳସେଚନ ବ୍ୟବସ୍ଥା ହୋଇଛି। ତେବେ ଶୀତଋତୁରୁ ନଦୀ ଶଯ୍ୟା ଶୁଖିଲା ପଡ଼ିବା ସମସ୍ତଙ୍କୁ ଅଶ୍ଚର୍ଯ୍ୟ କରିଛି। ଏହାକୁ ଚିରସ୍ରୋତା କରାଯାଇ ପାରିଲେ ମାର୍ଶାଘାଇ, ମହାକାଳପଡ଼ା ବ୍ଲକର ୧୦ ହଜାର ହେକ୍ଟର କ୍ଷେତକୁ ଜଳସେଚିତ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ୭୩ କି.ମି. ଲୁଣାନଦୀରେ ବ୍ରିଟିଶ ଶାସନରେ ନୌବାଣିଜ୍ୟ ହେଉଥିଲା। ନଦୀର ରକ୍ଷଣାବେକ୍ଷଣର ଅଭାବ ଅଛି। ବେଆଇନ ବାଲି ଓ ମାଟି ଉଠାଣ ସହ ଜବରଦଖଲ ବଢ଼ିଛି। କୂଳକ୍ଷୟ ନଦୀପଥକୁ ପରିବର୍ତ୍ତନ କରିଛି। ଏହି ନଦୀ ନୁହେଁ, ଜିଲାର ୭ ନଦୀ ଓ



କଳପଡ଼ାଠାରେ ଲୁଣାନଦୀ ଶୁଖିଯାଇଛି।

୨୭ ଶାଖା ନାଳରେ ଜଳ ପରିଚାଳନା କ୍ଷେତ ପାଇଁ ଏକ ସମସ୍ୟା ହୋଇଛି। କୃଷି ପାଇଁ ବ୍ୟବହୃତ ୧୫,୮୫୦ ହେକ୍ଟର ଜମିର ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ। ୩୨,୩୫୦ ହେକ୍ଟର ଜମି ଲୁଣାଞ୍ଚଳ ଚିହ୍ନଟ ହୋଇଛି। ୩୪,୯୫୨ ହେକ୍ଟର ଜମିରେ ବନ୍ୟାଜଳ ମାଡ଼ିଯାଉଛି। ସେହିପରି ଜିଲାର ୮୪,୯୧୦ ହେକ୍ଟର କ୍ଷେତ ଜମି ମରୁଡିଗ୍ରସ୍ତ ଭାବେ ଘୋଷଣା ହୋଇଛି। ଜିଲାର ୪୮ କି.ମି. ସମୁଦ୍ର ତଟର ୧୫ କି.ମି. ଦୂରରୁ ଏକ କେନାଲ ଖୋଳାଯାଇ ନଦୀ ସଂଯୋଗୀକରଣ ହେଲେ କୃଷିରେ ଜିଲାର ଆର୍ଥିକ ବିକାଶ ସହ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଏ ନେଇ ଜିଲା ପରିଷଦ ବୈଠକରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିପାରୁନାହିଁ। ଡେରାବିଶର ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନ କୁହନ୍ତି, ଲୁଣାନଦୀର ଜଳ ଧାନ ଚାଷ ସହ ରବି ଫସଲ ଓ ପନିପରିବା ଉତ୍ପନ୍ନରେ ଲାଗିଥାଏ। ତେବେ କିଛିବର୍ଷ ହେବ ଏହାର ଜଳସ୍ତର କ୍ରମଶଃ ହ୍ରାସ ପାଉଛି। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ର ନଦୀବନ୍ଧ ଯୋଜନା ଏହାକୁ ପ୍ରଭାବିତ କରୁଛି। ନଦୀ ସଂଯୋଗୀକରଣ ସହ ବ୍ୟାରେଜ ନିର୍ମାଣ ହେଲେ ଜିଲାର ଜଳସେଚନ ବ୍ୟବସ୍ଥା ସୁଧୁରିଯିବ। ତେବେ ଏ ନେଇ ସ୍ଥାନୀୟ ରାଜନେତା ଓ ପ୍ରଶାସକ ମନୋନିବେଶ କରୁ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରବୋଧ କୁମାର ରାଉତଙ୍କୁ ପଚାରିବାରେ ନଦୀପଥର ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ବେଆଇନ ବାଲି ଉତ୍ତୋଳନକୁ ଜିଲା ପ୍ରଶାସନ ରୋକୁଥିବା ବେଳେ ବିଭାଗ ପକ୍ଷରୁ ନଦୀବନ୍ଧକୁ ସୁଦୃଢ଼ୀକରଣ କରାଯାଉଛି ବୋଲି ସେ କହିଛନ୍ତି।

## ପରିବେଶପ୍ରେମୀ ପକ୍ଷୀଙ୍କ ପାଇଁ ବସା ବାନ୍ଧିଲେ

ମହାକାଳପଡ଼ା, ୩୦।୧୨(ଡି.ଏନ.ଏ.)

ଜଳବାୟୁର ପରିବର୍ତ୍ତନ, ମଣିଷକୃତ ଶିଳ୍ପାୟନର ପ୍ରଭାବ, ସରକାରୀ ସ୍ତରରେ ଇଚ୍ଛାଶକ୍ତିର ଅଭାବ, ଦିନକୁ ଦିନ ବଢୁଥିବା ପ୍ରଦୂଷଣ ପ୍ରଭାବରେ ହଜାର ହଜାର ବର୍ଷ ତଳର ଜୀବଜନ୍ତୁ, ପକ୍ଷୀ, କିଟ ପତଙ୍ଗ ଓ ବିଭିନ୍ନ ସାମୁଦ୍ରିକ ପ୍ରାଣୀ ପ୍ରଭୃତି ଲୁପ୍ତ ହେବାକୁ ବସିଲେଣି। ଏହି ସମୟରେ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ବଂଶ ବିସ୍ତାର ଓ ସୁରକ୍ଷା ପାଇଁ କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକର ଯୁବ ପରିବେଶପ୍ରମୀ ସମରେନ୍ଦ୍ର ମାହାଳି ନିଜସ୍ୱ ଉଦ୍ୟମରେ ପକ୍ଷୀଙ୍କ ପାଇଁ ଗଛରେ ବସା ବନ୍ଧାର ଅଭିନବ ପ୍ରୟାସ ଜାରି ରଖିଛନ୍ତି।

ଶୀତଋତୁ ଆଗମନରେ କେନ୍ଦ୍ରାପଡ଼ା ଜିଲା ଉପକୂଳବର୍ତ୍ତୀ ଅଞ୍ଚଳର ବିସ୍ତୀର୍ଣ୍ଣ ହେନ୍ତାଳବଣ, ବଙ୍ଗୋପସାଗର ନୀଳ ଜଳରାଶି ଢେଉରେ ବିଭିନ୍ନ ପ୍ରଜାତିର ବଦେଶାଗତ ପକ୍ଷୀ ଖେଳୁଥିବା ଦୃଶ୍ୟ ପର୍ଯ୍ୟଟକଙ୍କୁ ଆନମନା କରିଥାଏ। ଏମାନଙ୍କ ଅସ୍ଥାୟୀ ରହଣି ପାଇଁ ପକ୍ଷୀ ବସା ତିଆରି କରିବାକୁ ଆବଶ୍ୟକ ସରଂଜାମ ନଡିଆକତା, କୁଟା କାଠି, ନାଳିଆ, ପିମ୍ପୁଳା, ସୁତୁଲି, ଘାସ ଆଦିକୁ ନେଇ ବସାଗୁଡିକ ତିଆରି କରି



ଗୋବରୀ ନଦୀ ସଂଲଗ୍ନ ସମୁଦ୍ର ମୁହାଣ ଚଟକା ନିକଟ ଭଦ୍ରା, ଲୁଣା ଜଙ୍ଗଲରେ ବସା ବନ୍ଧା ଦୃଶ୍ୟ।

ଗଛ ଅଗ୍ର ଭାଗରେ ମାହାଳି ବାନ୍ଧୁଛନ୍ତି। ଦେଶବିଦେଶରୁ ପକ୍ଷୀମାନେ ଯୋଜନ ଯୋଜନ ପଥ ଅତିକ୍ରମ କରି ଉପକୂଳ ଅଞ୍ଚଳରେ ବିସ୍ତୀର୍ଣ୍ଣ ଲୁଣା ଜଙ୍ଗଲ ଓ ସମୁଦ୍ର କୂଳିଆ ନଦୀ ନାଳରେ ମିଳୁଥିବା ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ପ୍ରତି ଆକୃଷ୍ଟ ହୋଇ ଛୁଟି ଆସିଥାନ୍ତି। ଏହି ସ୍ଥାନକୁ ପକ୍ଷୀମାନେ ସୁରକ୍ଷିତ ଭାବି ନିଜର ବଂଶ ବିସ୍ତାର କରିଥାନ୍ତି। ଏଠାରେ ସୁରକ୍ଷିତ ଭାବେ ବାସ କରି ଅଣ୍ଡାଦାନ କରିବା ଓ ଛୁଆ ଫୁଟିବା ପର୍ଯ୍ୟନ୍ତ ବସା ଯଥେଷ୍ଟ ସହାୟକ ହୋଇଥାଏ। ବୁଧବାର ମହକାଳପଡା ବ୍ଲକର ଗୋବରୀ ନଦୀର ତ୍ରିକୋଣଭୂମି ଅଞ୍ଚଳ ଚଟକା ପାଶ୍ୱବର୍ତ୍ତୀ ଜଙ୍ଗଲଗୁଡିକରେ ପକ୍ଷୀମାନଙ୍କ ସ୍ୱଳ୍ପ ରହଣି ପାଇଁ ସମରେନ୍ଦ୍ର ନିଜସ୍ୱ ଉଦ୍ୟମରେ ବସା ତିଆରି କରି ଗଛଗୁଡିକରେ ବାନ୍ଧୁଥିବା ଦେଖିବାକୁ ମିଳିଛି। ଜମ୍ବୁ ଅଞ୍ଚଳର ସେଚ୍ଛାସେବୀ ନିଠୁଲ ସର୍ଜନ, ସୁବାସ ସ୍ୱାଇଁ ପ୍ରମୁଖ ବସାବନ୍ଧା କାର୍ଯ୍ୟରେ ଅଂଶଗ୍ରହଣ କରି ସମରେନ୍ଦ୍ରଙ୍କୁ ଉତ୍ସାହିତ କରିଥିଲେ। ପରିବେଶପ୍ରେମୀ ସମରେନ୍ଦ୍ରଙ୍କ କହିବା କଥା, ପକ୍ଷୀମାନଙ୍କ ବ୍ୟତୀତ ଅଞ୍ଚଳରେ ବ୍ୟାପକ ପରିମାଣର ଜଙ୍ଗଲ ସୃଷ୍ଟି କରିବା, ସାମୁଦ୍ରିକ ଓ ବଣ୍ୟ ଜୀବଜନ୍ତୁଙ୍କୁ କିପରି ସୁରକ୍ଷା ଦିଆଯାଇପାରିବ ଉଦ୍ୟମ ଜାରି ରହିଥିଲା। ଗୀଷ୍ମ ଋତୁରେ ଜଙ୍ଗଲି ପଶୁ ଓ ପକ୍ଷୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା ଆଗକୁ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଜେଏସ୍‌ଡବ୍ଲ୍ୟୁର ସାମାଜିକ, ଅର୍ଥନୈତିକ ସର୍ଭେ

କୁଜଙ୍ଗ, ୩୦।୧୨(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ଗୁରୁବାରଠାରୁ ସାମାଜିକ ଅର୍ଥନୈତିକ ସର୍ଭେ ଆରମ୍ଭ ହୋଇଛି। ଏ ନେଇ ଜେଏସ୍‌ଡବ୍ଲ୍ୟୁ ଓ ଭୁବନେଶ୍ୱରସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜ୍‌ମେଣ୍ଟ ସହାୟତାରେ ମିଳିତ ଭାବେ ସର୍ଭେ କରାଯାଉଛି। ଢିଙ୍କିଆ, ଗଡ଼କୁଜଙ୍ଗ ଓ ନୂଆଗାଁ ପଞ୍ଚାୟତରେ ୪ ହଜାର ଲୋକଙ୍କୁ ନେଇ ଏହି ସର୍ଭେ କରାଯିବ ବୋଲି ଜଣାପଡ଼ିଛି। ଗ୍ରାମସ୍ତରୀୟ ସଂଯୋଜକ ଭାବେ ନିଯୁକ୍ତି ପାଇଥିବା ୨୫ ଜଣ ଏହି ସର୍ଭେରେ ସହଯୋଗ କରୁଛନ୍ତି। ସର୍ଭେରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାମଗ୍ରୀ କ୍ରୟ ଉପରେ ଅନୁଧ୍ୟାନ କରାଯିବା ସହ ନିଯୁକ୍ତି ସମ୍ପର୍କିତ ମତାମତ ସଂଗ୍ରହ କରାଯିବ। ଏହାଦ୍ୱାରା ପ୍ରକଳ୍ପ ପାଇଁ ପ୍ରଭାବିତ ହେଉଥିବା ଗ୍ରାମଗୁଡ଼ିକର ପରିବାର ପାଇଁ ଅର୍ଥନୈତିକ ସୁଯୋଗ ସୃଷ୍ଟି ହେବା ସହ ସାମାଜିକ ସ୍ଥିତି ମଜଭୁତ ହୋଇପାରିବ ବୋଲି କମ୍ପାନୀର ଓଡ଼ିଶା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ନାୟକ କହିଛନ୍ତି। ଅନ୍ୟପକ୍ଷରେ ଢିଙ୍କିଆ ପଞ୍ଚାୟତର ପାଟଣା ଗ୍ରାମରେ ଗୁରୁବାର ୧୭ଟି ପାନବରଜ ଅଧିଗ୍ରହଣ କରାଯାଇଛି। ଏଥିସହ ପୂର୍ବରୁ ପାନବରଜ ଭଙ୍ଗା ଯାଇଥିବା ଗୋବିନ୍ଦପୁର ଗାଁର ୨ ହିତାଧିକାରୀଙ୍କୁ ୪ଲକ୍ଷ ୭୦ ହଜାର ଟଙ୍କା କ୍ଷତିପୂରଣ ରାଶି ଦିଆଯାଇଛି। ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସଙ୍କ ନେତୃତ୍ୱରେ ୨ଟି ଟିମ୍ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି।

## ଜୈବିକଖତ ପରିଚାଳନା କେନ୍ଦ୍ର ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କାଳିଆପାଣି,୩୦।୧୨(ଡି.ଏନ.ଏ.)

ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ କାଳିଆପାଣି ଖଣି ନିଗମ ଟାଉନଶିପ କଲୋନୀ ପରିସରରେ କଠିନ ବର୍ଜ୍ୟବସ୍ତୁରୁ ଜୈବିକଖତ ଉତ୍ପାଦନ ପରିଚାଳନା କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଖଣି କଲୋନୀରୁ ପ୍ରତିଦିନ ବର୍ଜ୍ୟବସ୍ତୁ ବାହାରୁଛି। ସେଗୁଡ଼ିକ କୁଢ଼କୁଢ଼ ହୋଇ ଏଣେତେଣେ ପଡ଼ି ଦୁର୍ଗନ୍ଧ ସୃଷ୍ଟି କରୁଥିଲା। ଫଳରେ କଲୋନୀ ଓ ତା'ଚାରିପାଖ ଦୂଷିତ ହେଉଥିଲା। ତେଣୁ ଏହାର ନିରାକରଣ ପାଇଁ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ଖଣି ନିଗମର ବିଭିନ୍ନ ସ୍ଥାନରେ ଏପରି ଗୋଟିଏ ଗୋଟିଏ ବର୍ଜ୍ୟବସ୍ତୁରୁ ଜୈବିକ ଖତ ଉତ୍ପାଦନ କେନ୍ଦ୍ର ନିର୍ମାଣ କରାଯାଇଛି। କଲୋନୀରୁ ବାହାରୁଥିବା ଆବର୍ଜନାକୁ ଏହି କେନ୍ଦ୍ରରେ ପହଞ୍ଚାଇବା ପରେ ଜୈବଖତ ଉତ୍ପାଦନ କରାଯିବ ବୋଲି ଉଦ୍‌ଘାଟନୀ ଉତ୍ସବ ସଭାରେ ଖଣି ନିଗମ ଆଞ୍ଚଳିକ ପରିଚାଳକ ପ୍ରଶନ୍ନ ସ୍ୱାଇଁ ଉପସ୍ଥିତ କର୍ମଚାରୀ, ସ୍ଥାନୀୟ ଜନପ୍ରତିନିଧି ଓ ଗ୍ରାମବାସୀଙ୍କୁ ଉଦ୍‌ବୋଧନରେ କହିଥିଲେ। କାର୍ଯ୍ୟକ୍ରମରେ ଫିଡ୍‌ବ୍ୟାକ ଫାଉଣ୍ଡେଶନର ମ୍ୟାନେଜର ପ୍ରକାଶ ପାଣି, କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ ଦାସ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ସରପଞ୍ଚ କଳ୍ପନା ଜେନା, ଖଣି ନିଗମ ବରିଷ୍ଠ ଅଧିକାରୀ ସୁମିତ ପାଢ଼ୀ, ଲୋକସେବକ ଦାରା ସୁକା, ସାଉଥ୍ କାଳିଆପାଣି ପରିଚାଳକ ବୈଷ୍ଣବ ଚରଣ ମଲ୍ଲିକ, ସୁକୁରୁଙ୍ଗି ଖଣି ଡିଜିଏମ ମାୟାଧର ପାତ୍ର, ପ୍ରଶାସନିକ ଅଧିକାରୀ ପ୍ରମୋଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୂର୍ଯ୍ୟମଣି ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସିଏସ୍‌ଆର ଅଧିକାରୀ ମଧୁସ୍ମିତା ଦାସ ଧନ୍ୟବାଦ ଦେଇଥିଲେ।

## ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକଙ୍କ ସମୀକ୍ଷା

ଯାଜପୁର ଅଫିସ,୩୦।୧୨

ସୂଚନା ଓ ଲୋକ ସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀ ଗୁରୁବାର ଯାଜପୁର ଜିଲା ଗସ୍ତ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର, ପ୍ରସାର, ଜନସାଧାରଣଙ୍କୁ ସୂଚନା ପ୍ରଦାନ, ବିଭିନ୍ନ ଯୋଜନାର ସଫଳ କାହାଣୀ ପ୍ରସ୍ତୁତ ସହ ପ୍ରକାଶନ, ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ଓ ଓଡ଼ିଶା ଆନୁଆଲ ରେଫରେନ୍ସ ପୁସ୍ତକ ବଣ୍ଟନକୁ ତ୍ୱରାନ୍ୱିତ କରିବାକୁ ଷଡଙ୍ଗୀ ପରାମର୍ଶ ଦେଇଥିଲେ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ସଦୃଶ ହୋଇଥିବାରୁ ପ୍ରଶାସନ, ଗଣମାଧ୍ୟମ ଓ ଜନସାଧାରଣଙ୍କ ସହ ଉତ୍ତମ ସମନ୍ୱୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଯାଜପୁର ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ବିଭିନ୍ନ ଅଭାବ ଅସୁବିଧା ଯଥା କର୍ମଚାରୀ ଅଭାବ, ଗାଡ଼ି, ବିଭିନ୍ନ ଆସବାବପତ୍ର , କମ୍ପ୍ୟୁଟର ଯୋଗାଣ ଉପରେ ଉପନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏ ସମ୍ପର୍କରେ ରାଜ୍ୟ ନିର୍ଦ୍ଦେଶାଳୟଙ୍କୁ ଅବଗତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଷଡଙ୍ଗୀ ସୂଚନା ଦେଇଥିଲେ । ଏହି ସମୀକ୍ଷା ସମୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ବରିଷ୍ଠ ରାଜସ୍ୱ ସହାୟକ ସୁବ୍ରତ କୁମାର କାନୁନ୍‌ଗୋ, କନିଷ୍ଠ କ୍ଷିପ୍ରଲେଖିକା ମିନତୀ ଦାଶ, ପ୍ରୋଜେକ୍ସନିଷ୍ଟ ଶାନ୍ତନୁ କୁମାର ସାହୁ, କନିଷ୍ଠ ଭଣ୍ଡାର ରକ୍ଷକ ସତ୍ୟଜିତ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ସମୀକ୍ଷା ବୈଠକରେ ଉପନିର୍ଦ୍ଦେଶକ ଓ ଅନ୍ୟମାନେ।

# ବିଦେଶ ଫେରନ୍ତାଙ୍କ ଉପରେ ନଜର

- ଯାଜପୁରରେ ଶ୍ରମ ବିଭାଗ ପ୍ରମୁଖ ସଚିବ
- କରୋନା ପ୍ରଥମ ଡୋଜ୍ ୮୭, ଦ୍ୱିତୀୟ ୬୮% ସରିଛି

ଯାଜପୁର ଅଫିସ,୩୦।୧୨

ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପ୍ରମୁଖ ସଚିବ ଚିତ୍ରା ଅରୁମୁଗମ୍ ଗୁରୁବାର ଯାଜପୁର ଜିଲା ଗସ୍ତରେ ଆସି ବର୍ତ୍ତମାନର କୋଭିଡ୍ ସ୍ଥିତି ଏବଂ ଶସ୍ୟ ସଂଗ୍ରହ ଉପରେ ସମୀକ୍ଷା କରିଛନ୍ତି । ଓମିକ୍ରନର ସଂକ୍ରମଣକୁ ଦୃଷ୍ଟିରେ ରଖି ଅଧିକ ସତର୍କ ଓ ସଚେତନ ରହିବାକୁ ସଚିବ ଅରୁମୁଗମ୍ ପରାମର୍ଶ ଦେବା ସହ ଧାନ ସଂଗ୍ରହକୁ ତ୍ୱରାନ୍ୱିତ ଓ ଶୃଙ୍ଖଳିତ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ସଚିବ ଅରୁମୁଗମ୍ ଯୋଗଦେଇଥିଲେ। ବୈଠକରେ ଜିଲାପାଳ ଚକ୍ରଵର୍ତ୍ତୀ ସିଂହ ରାଠୋର କୋଭିଡ୍ ନିୟନ୍ତ୍ରଣ ଏବଂ ଧାନ ସଂଗ୍ରହ କ୍ଷେତ୍ରରେ ସାମ୍ପ୍ରତିକ ସ୍ଥିତିର ତଥ୍ୟ ଉପସ୍ଥାପନ କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏପିଡୋମୋଲୋଜିଷ୍ଟ ଡା. ପାର୍ଥସାରଥୀ ମିଶ୍ର ପାୱାର ପ୍ରେଜେଣ୍ଟେଶନ ମାଧ୍ୟମରେ ଜିଲାର କୋଭିଡ୍ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ। ଏବେ ଓମିକ୍ରନ୍ ଭାଇରସର ଭୟାବହତାକୁ ଆଖି ଆଗରେ ରଖି ଏବଂ ଏହାର ପ୍ରତିରୋଧ ପାଇଁ ବିଦେଶ ଫେରନ୍ତା ଯାତ୍ରୀମାନଙ୍କ ଉପରେ ସୂଚନା ସଂଗ୍ରହ ସହ ତୀକ୍ଷ୍ଣ ନଜର ରଖାଯାଉଛି ବୋଲି ସେ କହିଥିଲେ। ପଜିଟିଭ କେସ୍ ଚିହ୍ନଟ କରିବା ସହ ବ୍ୟାପକ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଚାଲୁ ରହିଛି। ଯାହା ଫଳରେ କୋଭିଡ୍ ଟେଷ୍ଟିଂ, ଟ୍ରାକିଂ ଓ ଟ୍ରିଟିଂର ଧାର୍ଯ୍ୟଲକ୍ଷ୍ୟଠାରୁ ଯାଜପୁର ଜିଲା ଅନେକ ଆଗରେ ରହିଛି। ସେହିପରି ଟିକାକରଣ କ୍ଷେତ୍ରରେ ଅଦ୍ୟାବଧି ଜିଲାରେ ୮୭ ପ୍ରତିଶତ ଲୋକ ପ୍ରଥମ ଡୋଜ ନେଇସାରିଥିବା ବେଳେ ଦ୍ୱିତୀୟ ଡୋଜର ଟିକାକରଣ ୬୮ ପ୍ରତିଶତରେ ପହଞ୍ଚିଛି। ଏଥିସହିତ ଭ୍ରାମ୍ୟମାଣ ଟିମ୍ ଘରକୁ ଘର ବୁଲି ଟିକାକରଣ କରିବା ସହ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇ ପାରିଛି ବୋଲି ଡା. ମିଶ୍ର ସୂଚନା ଦେଇଥିଲେ। ସେହିପରି ଶସ୍ୟ ଅମଳ ଓ ସଂଗ୍ରହ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଚଳିତ ବର୍ଷର ଧାନ ସଂଗ୍ରହ ପାଇଁ ୧୧୩୯୭୦୫.୮୮ କୁଇଣ୍ଟାଲ ଧାନ ସଂଗ୍ରହ ଧାର୍ଯ୍ୟ କରାଯାଇଥିବାବେଳେ ଚଳିତ ମାସ ୨୭ ସୁଦ୍ଧା ୨୧୮୫.୩୯ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି । ୧୨୨ ଟି ପ୍ୟାକ୍ସ ଓ ୩୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଏହି ଧାନ ସଂଗ୍ରହ କରାଯାଉଛି। ଚଳିତ ବର୍ଷ ୫୦୨୨୯ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ଜିଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ ଖାଁ ସୂଚନା ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଜିଲାର ବହୁ ପଦାଧିକାରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



ସମୀକ୍ଷା ବୈଠକରେ ଶ୍ରମ ବିଭାଗ ପ୍ରମୁଖ ସଚିବ ଅରୁମୁଗମ୍ ଓ ଅନ୍ୟମାନେ।

### ବୋମାମାଡ଼ ତଦନ୍ତକୁ ବିରୋଧ କରି ଜଣେ ଗିରଫ

ବରୀ,୩୦।୧୨(ଡି.ଏନ.ଏ.)

ରାଜନୈତିକ ତିକ୍ତତାକୁ ନେଇ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରତଳାଙ୍ଗ ପଞ୍ଚାୟତରେ ୨୬ ତାରିଖରେ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଗୁରୁବାର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ରତଳାଙ୍ଗ ଗ୍ରାମକୁ ଯାଇଥିବା ବେଳେ ସେହି ଗ୍ରାମର ସଂଗ୍ରାମ ସାମଲ(୩୬)ନାମକ ଯୁବକ ପୋଲିସ କର୍ମଚାରୀଙ୍କୁ ତଦନ୍ତରେ ବାଧା ଦେଇଥିଲେ। ଏପରି କି ପୋଲିସ କର୍ମଚାରୀଙ୍କ ଗାଡ଼ିକୁ ମଧ୍ୟ ଛାଡ଼ି ନ ଥିଲେ। ତେଣୁ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା ନଂ.୩୦୬/୨୧ ରୁଜୁ ହୋଇଛି। ପ୍ରକାଶଥାଉକି, ସଂଗ୍ରାମ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦବୀ ପାଇଁ ଆଶାୟୀ ଥିଲେ। ବୋମାମାଡ଼ କରିଥିବା ଅଭିଯୁକ୍ତମାନେ ତାଙ୍କ ସମର୍ଥିତ ହୋଇଥିବାରୁ ସେ ତଦନ୍ତକୁ ବିରୋଧ କରୁଥିବା ଲୋକେ ଆଲୋଚନା କରୁଛନ୍ତି। ଘଟଣା ସମ୍ପର୍କରେ ଥାନାଧିକାରୀ କାବୁଲି ବାରିକ କହିଛନ୍ତି, ଯେଉଁମାନେ ଆସାମାଜିକ କାର୍ଯ୍ୟରେ ଲିପ୍ତ ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବ।

### କ୍ରିକେଟ୍: ଫାଇନାଲରେ ଜୁଭେନାଇଲ ଏକାଡେମୀ

ଜଗତ୍‌ସିଂହପୁର ଅଫିସ, ୩୦।୧୨

ଜଗତ୍‌ସିଂହପୁରର ନବାପାଟଣାସ୍ଥିତ ନନ୍ଦାବ୍ରତ ଷ୍ଟାଡିୟମ ପରିସରରେ ଯୁଗଜ୍ୟୋତି ସ୍ପୋର୍ଟସ୍ କ୍ଲବ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଗୁରୁବାର ଜୁଭେନାଇଲ କ୍ରିକେଟ୍ ଏକାଡେମୀ ଓ ମା'ମଙ୍ଗଳା କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁଭେନାଇଲ କ୍ରିକେଟ୍ ଏକାଡେମୀ ବିଜୟୀ ହୋଇଛି। ଜୁଭେନାଇଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୬ ଉଇକେଟ୍ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ମା'ମଙ୍ଗଳା କ୍ରିକେଟ୍ କ୍ଲବ ୨୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ୍ କରି ପରାଜିତ ହୋଇଥିଲା। ବିଜୟୀ ଦଳର ରାମଚନ୍ଦ୍ର ବେହେରା ବ୍ୟାଟିଂରେ ୪୫ ରନ୍ ସଂଗ୍ରହ କରିବା ସହ ବୋଲିଂରେ ୫.୧ ଓଭରରେ ୭ ଉଇକେଟ୍ ନେଇ ମ୍ୟାନ୍ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ସନ୍ତୋଷ କୁମାର ବେହେରା, ପ୍ରସନ୍ନ ପଣ୍ଡା ଓ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ସଞ୍ଜୀବ ବେହେରା ଓ ଜୟନ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ।

### ଟିକସ ବୃଦ୍ଧି ପ୍ରସ୍ତାବକୁ ବିରୋଧ

ଯାଜପୁର ରୋଡ,୩୦।୧୨(ଡି.ଏନ.ଏ.)

ମହାମାରୀ କରୋନା ସମୟରେ ବ୍ୟାସନଗର କରଦାତା ଓ ବ୍ୟବସାୟୀ ପ୍ରତିଷ୍ଠାନର ଆର୍ଥିକ ସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ଅଥଚ ରାଜ୍ୟ ନଗର ଉନ୍ନୟନ ଓ ଗୃହ ବିଭାଗ ପକ୍ଷରୁ ଏକ କ୍ୟାମ୍ପ ଜରିଆରେ ବିଭିନ୍ନ ୱାର୍ଡ ପରିକ୍ରମା କରି ଟିକସ ବୃଦ୍ଧି ଆକଳନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପରି କି ପୂର୍ବରୁ ଟିକସ ବୃଦ୍ଧି କରାଯାଇଛି। ଏଭଳି ସ୍ଥିତିରେ ପୁନର୍ବାର ଟିକସ ବୃଦ୍ଧି କରିବା ପ୍ରକ୍ରିୟାକୁ ତୁରନ୍ତ ସ୍ଥଗିତ କରିବାକୁ ମିଳିତ ଗଣ ସଂଗ୍ରାମ ସମିତି ପକ୍ଷରୁ ଦାବି ହୋଇଛି। ଏହି ମର୍ମରେ ସମିତିର ଆବାହକ ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ ନାୟକ, ପରମାନନ୍ଦ ସେଠୀ, ଧୀରେନ୍ଦ୍ର ବେହେରା, ବିଦ୍ୟାଧର ଜେନା, ମାଧବ ବେହେରାଙ୍କ ନେତୃତ୍ୱରେ ଯାଜପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ କରଦାତାମାନଙ୍କ ଆୟ ବୃଦ୍ଧି ହେବା ଓ ନୂତନ ପରିଷଦ ଗଠନ ନ ହେବା ପର୍ଯ୍ୟନ୍ତ ଟିକସ ବୃଦ୍ଧି ପ୍ରକ୍ରିୟା ବନ୍ଦ ନ କଲେ ବାଧ ହୋଇ ବ୍ୟାସନଗର ପୌର କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାକୁ ବାଧ ହେବୁ ବୋଲି ଆବାହକ ମହାନ୍ତି ପ୍ରକାଶ କରିଛନ୍ତି।

### ହୃଦ୍‌ଘାତରେ ବ୍ୟାଙ୍କ କ୍ୟାଶିୟରଙ୍କ ମୃତ୍ୟୁ

ରାଜନଗର, ୩୦।୧୨(ଡି.ଏନ.ଏ.)

ରାଜନଗରସ୍ଥିତ କଟକ କେନ୍ଦ୍ର କୋଅପରେଟିଭ ବ୍ୟାଙ୍କର କ୍ୟାଶିୟର ବ୍ରଜ କିଶୋର ଦାସ (୫୫) ବୁଧବାର ସନ୍ଧ୍ୟାରେ ବ୍ୟାଙ୍କର କାମ ସାରି ଅନ୍ୟ କର୍ମଚାରୀଙ୍କ ସହ କଥା ହେଉଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। କର୍ମଚାରୀମାନେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହିଥିଲେ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ହରିପୁର ଗାଁରେ। ଏହି ଖବର ପାଇବା ପରେ ବ୍ୟାଙ୍କ ଓ ରାଜନଗରରେ ଶୋକର ଛାୟା ଖେଳିଯାଇଛି।

## ସଂକ୍ଷେପରେ

### ଅଟୋ ଜବତ, ୨ଗିରଫ

ନୟାଗଡ଼ ଅଫିସ,୩୦।୧୨: ଇଟାମାଟି ଥାନା ପୋଲିସ ଅଟୋ ଜବତ କରିବା ସହ ୨ ଚୋରଙ୍କୁ ଗିରଫ କରିଛି । ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁସାରେ ଖେଡବାରଣା ଓ ସାଲୁଣି ନିକଟରେ ଏକ ପୋଲ କାର୍ଯ୍ୟ ଚାଲୁ ଅଛି । ଫତେଗଡ ଥାନା ନଟବରପ୍ରସାଦର ଭାସ୍କର ପ୍ରଧାନ କ୍ୟାମ୍ପ ମ୍ୟାନେଜର ଭାବେ କାମ କରନ୍ତି। କିଛି ଦିନ ହେବ ପୋଲ ନିକଟରୁ ଲୁହ ରଡ ଓ ଷ୍ଟାଣ୍ଡ ପୋଷ୍ଟ ଚୋରି ହେଉଥିଲା। ଚୋରକୁ ଧରିବା ପାଇଁ ଭାସ୍କର ଉଦ୍ୟମ କରିଥିଲେ। ତେବେ ଗତ ୨୮ ତାରିଖରେ ପୋଲ ନିକଟରୁ ଲୁହା ଉପକରଣ ଚୋରମାନେ ଅଟୋରେ ଚୋରାଇ ନେଇଥିଲେ । ହେଲେ ଭାସ୍କର ୨ ଚୋରଙ୍କୁ ଧରିଥିଲେ। ଚମ୍ପତିପୁରର କୈଳାସ ନାୟକ, ଚମ୍ପତିପୁର ହାଇସ୍କୁଲ ସାହିର କିଶୋର ବିଶ୍ୱାଳ ଗିରଫ ହୋଇଥିବାବେଳେ ଚମ୍ପତିପୁରର ପିଣ୍ଟୁ ଜେନା ଫେରାର ହୋଇ ଯାଇଛନ୍ତି । ସେମାନଙ୍କଠାରୁ ୩ କୁଇଣ୍ଟାଲ ରଡ଼, ଷ୍ଟାଣ୍ଡପୋଷ୍ଟ ଓ ପ୍ଲେଟ ସହ ଅଟୋ ଜବତ କରାଯାଇଛି । ପୋଲିସ ଏକ ମାମଲା(ନଂ.୨୧୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ଶାଳ କାଠ, ଲଗ୍ ଜବତ



ଖଣ୍ଡପଡ଼ା,୩୦।୧୨(ସ୍ୱ.ପ୍ର.): ଖଣ୍ଡପଡ଼ା ବନ ବିଭାଗ କର୍ମଚାରୀମାନେ ସ୍ଥାନୀୟ ୮ନଂ. ୱାର୍ଡ ଅଧୀନ କୁମ୍ଭାରସାହିର ବିରଞ୍ଚି ନାରାୟଣ ମିଶ୍ରଙ୍କ ବାରିରେ ଅଚାନକ ଚଢାଉ କରି ୨୦ଟି ଶାଳ ସାଇଜ କାଠ ଓ ୨ଟି ଶାଳ ଲଗ୍ ଜବତ କରିଛନ୍ତି । ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ, ବନପାଳ ଶ୍ରୀନିବାସ ଦାଶ ଓ କର୍ମଚାରୀମାନେ ଏହି ଚଢାଉରେ ସାମିଲ ହୋଇଥିଲେ । ଜବତ କାଠର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି । ଏ ନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି ।

ଶତାଧିକ ଖୁଣ୍ଟରୁ ବିଦ୍ୟୁତ୍ ତାର ଚୋରି
ନୟାଗଡ ଅଫିସ,୩୦।୧୨:ନୟାଗଡ ଜିଲା ଭାପୁର ବ୍ଲକର ପାର୍ବତୀପୁର, ମରିଚିଆ, ଦୁର୍ଗାପ୍ରସାଦ ଗାଁ ଦେଇ ଯାଇଥିବା ୩୩ କେଭି ଲାଇନର ୧୦୦ ଟି ଖୁଣ୍ଟିର ବିଦ୍ୟୁତ୍ ତାର ଚୋରି ହୋଇଛି । ଖୋର୍ଦ୍ଧା ଜିଲା ଧଳାପଥର ଗ୍ରୀଡଠାରୁ ନୟାଗଡ ଜିଲା ପତେଗଡ ଗ୍ରୀଡକୁ ଏହି ତାର ସଂଯୋଗ ହୋଇଥିଲା । ବିଦ୍ୟୁତ୍ ତାର ଚୋରି ପରେ ଭାପୁର ଅଞ୍ଚଳରେ ଉତ୍ତମ ବିଦ୍ୟୁତ୍ ସେବା ମିଳିବାର ପ୍ରୟାସ ବିଫଳ ହୋଇଛି । ପ୍ରକାଶଥାଉକି ଭାପୁର ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ଲୋଭୋଲଟେଜ ସମସ୍ୟା ଲାଗି ରହିଛି ।

### ଶତାଧିକ ଖୁଣ୍ଟରୁ ବିଦ୍ୟୁତ୍ ତାର ଚୋରି

ନୟାଗଡ଼ ଅଫିସ,୩୦।୧୨: ନୟାଗଡ ଜିଲା ଭାପୁର ବ୍ଲକର ପାର୍ବତୀପୁର, ମରିଚିଆ, ଦୁର୍ଗାପ୍ରସାଦ ଗାଁ ଦେଇ ଯାଇଥିବା ୩୩ କେଭି ଲାଇନର ୧୦୦ ଟି ଖୁଣ୍ଟିର ବିଦ୍ୟୁତ୍ ତାର ଚୋରି ହୋଇଛି । ଖୋର୍ଦ୍ଧା ଜିଲା ଧଳାପଥର ଗ୍ରୀଡଠାରୁ ନୟାଗଡ ଜିଲା ପତେଗଡ ଗ୍ରୀଡକୁ ଏହି ତାର ସଂଯୋଗ ହୋଇଥିଲା । ବିଦ୍ୟୁତ୍ ତାର ଚୋରି ପରେ ଭାପୁର ଅଞ୍ଚଳରେ ଉତ୍ତମ ବିଦ୍ୟୁତ୍ ସେବା ମିଳିବାର ପ୍ରୟାସ ବିଫଳ ହୋଇଛି । ପ୍ରକାଶଥାଉକି ଭାପୁର ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ଲୋଭୋଲଟେଜ ସମସ୍ୟା ଲାଗି ରହିଛି ।

# ପୁରୁଣା କୋର୍ଟ ସମ୍ମୁଖରେ ଟ୍ରାଫିକ୍ ଜାମ୍

■ ଏନ୍‌ଏଚ୍‌ରେ ଅଟକି ରହୁଛି ବସ୍, ଅଟୋରିକ୍ସା
■ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପରେ ବି ସୁଧୁରୁ ନାହିଁ ସମସ୍ୟା

ନୟାଗଡ଼ ଅଫିସ,୩୦।୧୨

ନୟାଗଡ଼ ଟ୍ରାଫିକ୍ ଛକରୁ ବସ୍ ରହଣୀ ସ୍ଥଳ ନୂଆ ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର ହୋଇଛି। ଏହାପରେ ବି ନୂଆ ସମସ୍ୟା ମୁଣ୍ଡ ଟେକିଛି । ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ(ଏନ୍‌ଏଚ୍)ର ନୟାଗଡ଼ ପୁରୁଣା କୋର୍ଟ, ପୁରୁଣା ଜେଲ୍ ଓ ବ୍ରଜେନ୍ଦ୍ର ହାଇସ୍କୁଲ ସମ୍ମୁଖରେ ଏବେ କିଛି ଦିନ ହେଲା ରାସ୍ତା ଉପରେ ଯାତ୍ରୀବାହୀ ବସ, ଅଟୋରିକ୍ସା ଅଟକି ରହୁଛି । ଫଳରେ ଟ୍ରାଫିକ୍ ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ଅଧିକାଂଶ ସମୟ ଟ୍ରାଫିକ୍ ଜାମ୍ ରହୁଛି । ଏପରି ପରିସ୍ଥିତିରେ ସେହି ରାସ୍ତାରେ ପାଦରେ ଚାଲି ଯିବା କଷ୍ଟକର ହେଉଛି । ବାଇକ୍‌ରେ ରାସ୍ତା ଅତିକ୍ରମ କରିବାକୁ ଲାଗୁଛି ୧୦ରୁ ୨୦ ମିନିଟ୍ । ଅନ୍ୟପକ୍ଷେ ସହରର ବିଭିନ୍ନ ରାସ୍ତା ଉପରେ ଟ୍ରକ, ବସ୍ ଅଟକି ରହୁଥିଲେ ମଧ ସେଥିରେ ସୁଧାର ଆସିନାହିଁ।



ରାସ୍ତା ଉପରେ ଅଟକି ରହିଥିବା ବସ୍, ଅଟୋରିକ୍ସା ।

ପ୍ରକାଶ ଯେ, ନୟାଗଡ଼ ଟ୍ରାଫିକ ଛକ ପାଖରେ ପୂର୍ବରୁ ବସ୍‌ଷ୍ଟାଣ୍ଡ ଥିଲା । ସହରରେ ଟ୍ରାଫିକ୍ ଜାମ୍ ଓ ଯାନବାହାନ ରହଣିରେ ଅସୁବିଧା ଲାଗି ରହିଥିଲା । ଏହାକୁ ଆଖି ଆଗରେ ରଖି ନୟାଗଡ଼ ପୁରୁଣା ସହରରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା । ବସ୍‌ଷ୍ଟାଣ୍ଡ ନିର୍ମାଣ ପରେ ବି ସେହି ବସ୍ ରହଣୀସ୍ଥଳ ବିଭିନ୍ନ ସମୟରେ ଉଦ୍‌ଘାଟନ ହୋଇଥିଲା। ହେଲେ ଯାନବାହନ ନୂଆ ବସ୍‌ଷ୍ଟାଣ୍ଡକୁ ନ ଯାଇ ପୁରୁଣା ବସ୍‌ଷ୍ଟାଣ୍ଡରେ ଅଟକି ରହୁଥିଲେ । ଟ୍ରାଫିକ୍ ଛକରେ ଥିବା ବସ୍‌ଷ୍ଟପ୍ ବସ୍‌ଷ୍ଟାଣ୍ଡ ପରି କାମ କରୁଥିଲା। ଏଭଳିସ୍ଥଳେ ନୂଆ ବସ୍‌ଷ୍ଟାଣ୍ଡ ଗତ ୨୨ ତାରିଖରେ କାର୍ଯ୍ୟକ୍ଷମ ହୋଇଥିଲା। ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ପରେ ଆଶା କରାଯାଉଥିଲା ନୟାଗଡ଼ ସହରରେ ଟ୍ରାଫିକ୍ ସମସ୍ୟା ଦୂର ହେବ। କିନ୍ତୁ ନୂଆବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପରେ ବି ଯାତ୍ରୀବାହୀ ବସ୍ ସେଠାକୁ ଯାଇ ଫେରି ଆସି ପୁରୁଣା ଜେଲ ଓ ପୁରୁଣା କୋର୍ଟ ନିକଟରେ ଅଟକି ରହୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଯାତ୍ରୀବାହୀ ବସ, ଅଟୋରିକ୍ସା ଯୋଗୁ ଟ୍ରାଫିକ୍ ଜାମ ହୋଇ ରହିଥିବାବେଳେ ମଝି ରାସ୍ତାରେ ଗୋଟିଏ ଗାଡ଼ି ଯିବା ଆସିବା କରିବା କାଠିକର ପାଠ ହେଉଛି। ଏହି ସମସ୍ୟା ପ୍ରାୟତଃ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପରେ ଦେଖା ଦେଇଛି । ସେହିପରି ବ୍ରଜେନ୍ଦ୍ର ହାଇସ୍କୁଲ ସମ୍ମୁଖରେ ଭୁବନେଶ୍ୱରରୁ ଆସୁଥିବା ଯାତ୍ରୀବାହୀ ବସ୍ ଅଟକି ରହୁଛି । ଯାତ୍ରୀ ଓହ୍ଲାଇବା ଓ ଚଢ଼ିବା ପାଇଁ ବସ୍‌ଷ୍ଟପ୍‌ରେ ଯାତ୍ରୀବାହୀ ବସ୍ ଅଟକି ରହିବାରେ ଅସୁବିଧା ନାହିଁ। ହେଲେ ପାଖାପାଖି ୨ରୁ ୩ଟି ଗାଡ଼ି ରହିବା ଓ ବହୁ ସମୟ ଧରି ଅଟକି ରହିବା କାରଣରୁ ଟ୍ରାଫିକ୍ ଜାମ୍ ହେଉଛି। ଏହାର ନିରାକରଣ ପାଇଁ ପଦକ୍ଷେପ ନ ଥିବାରୁ ଯାତ୍ରୀ, ଜନସାଧାରଣ, ପଥଚାରୀ, ବାଇକ୍ ଓ ସାଇକେଲ ଚାଳକ ହଟହଟା ହେଉଛନ୍ତି । ଏହାର ସ୍ଥାୟୀ ନିରାକରଣ କରିବାକୁ ଦାବି ଉଠିଛି ।

### ବୃଦ୍ଧାଶ୍ରମ ସମ୍ମୁଖରେ ହେବ ପାର୍କିଂ ଜୋନ୍

ନୟାଗଡ଼ ସହରରେ ପାର୍କିଂ ଜୋନ୍ ନ ଥିବାରୁ ବସ୍, ଟ୍ରକ୍ ଆଦି ଯାନବାହାନ ବିଭିନ୍ନ ରାସ୍ତା ଉପରେ ରହୁଛି । ଏହି ଗାଡ଼ିଗୁଡ଼ିକ ପାର୍କିଂ ପାଇଁ ସରକାର ଯଦି ପାର୍କିଂ ବ୍ୟବସ୍ଥା କରନ୍ତେ ସହରରୁ ଟ୍ରାଫିକ ସମସ୍ୟା ଦୂର ହୋଇ ପାରନ୍ତା । ସେହିପରି ସରକାର ପାର୍କିଂ ବାବଦରେ ରାଜସ୍ୱ ପାଆନ୍ତେ । ଏନେଇ ନୟାଗଡ ମ୍ୟୁନିସିପାଲିଟିର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ଜେନା କୁହନ୍ତି, ଡିଆରଡିଏ ରାସ୍ତାରେ ସମର୍ପଣ ବୃଦ୍ଧଶ୍ରମ ନିକଟରେ ଟ୍ରକ୍ ଓ ବସ୍ ପାର୍କିଂ ଜୋନ୍ ହେବ । ଏଥିପାଇଁ ସ୍ଥାନ ଚିହ୍ନଟ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି । ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ଓ ମୁଁ ଏହି କାର୍ଯ୍ୟର ଅନୁଧ୍ୟାନ କରୁଛି ବୋଲି ସେ କହିଛନ୍ତି ।

### କଲରାପତରିଆ ଛାଲ ଜବତ, ଜଣେ ଗିରଫ

ଚାଲାଣବେଳେ ଧରିଲା ଏସ୍‌ଟିଏଫ୍

ଭୁବନେଶ୍ୱର(ବ୍ୟୁରୋ)/ ବାଣପୁର, ୩୦।୧୨(ଡି.ଏନ୍.ଏ.)



ଜବତ ବାଘଛାଲ।

କଲରାପତରିଆ ବାଘଛାଲ ଚୋରା ଚାଲାଣ ର୍‍ୟାକେଟକୁ ଧରିଛି କ୍ରାଇମବ୍ରାଞ୍ଚର ସ୍ୱେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ବୁଧବାର ବିଳମ୍ବିତ ରାତିରେ ଏସ୍‌ଟିଏଫ୍ ଟିମ୍ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ବମ୍ଭାମୀମୁଣ୍ଡ ଗ୍ରାମ ନିକଟରେ ଚଢ଼ାଉ କରି ଜଣେ ବନ୍ୟଜନ୍ତୁ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ରତ୍ନାକର ସାହୁ। ତାଙ୍କଠାରୁ ଏକ କଲରାପତରିଆ ବାଘ ଛାଲ ଜବତ ହୋଇଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୩୮/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବାଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଜବତ ବାଘଛାଲକୁ ଏସ୍‌ଟିଏଫ୍ ପରୀକ୍ଷା ପାଇଁ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ପଠାଇଛି। ତେବେ ଅଭିଯୁକ୍ତ ରତ୍ନାକର ବାଘକୁ କେଉଁଠୁ ଶିକାର କଲେ, ଏହା ପୂର୍ବରୁ ସେ କେତୋଟି ବାଘଛାଲ ବିକ୍ରି କରିଛନ୍ତି, ଏପରି ଅନେକ ଦିଗକୁ ନେଇ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି। ବୁଧବାର ରାତିରେ ବମ୍ଭାମୀମୁଣ୍ଡ ଗ୍ରାମ ନିକଟରେ ବାଘଛାଲ ଡିଲ୍ ହେବା ନେଇ ଏସ୍‌ଟିଏଫ୍ ଆଗୁଆ ସୂଚନା ପାଇଥିଲା। ପୂର୍ବପ୍ରସ୍ତୁତି ମୁତାବକ ଏସ୍‌ଟିଏଫ୍‌ର ଟିମ୍ ସେଠାରେ ଛକି ରହିଥିଲା। ଏହି ସମୟରେ ଅଭିଯୁକ୍ତ ଏକ ବ୍ୟାଗରେ ବାଘଛାଲ ପୂରାଇ ଆସୁଥିଲାବେଳେ ଏସ୍‌ଟିଏଫ୍ ଅଧିକାରୀମାନେ ଘେରିଯାଇ ତାଙ୍କୁ କାବୁ କରିଥିଲେ। ଏସ୍‌ଟିଏଫ୍‌ର ରିପୋର୍ଟ ଅନୁଯାୟୀ, ଗତ ବର୍ଷକ ମଧରେ ରାଜ୍ୟରୁ ୨୨ଟି ବାଘ ଛାଲ, ୧୨ଟି ହାତୀ ଦାନ୍ତ, ୭ଟି ହରିଣ ଛାଲ, ୮ ଜୀବନ୍ତ ବଜ୍ରକାପ୍ତା, ୧୫ କେଜି ବଜ୍ରକାପ୍ତା କାତି ଜବତ କରାଯିବା ସହ ସମ୍ପୃକ୍ତ ୫୧ ଜଣଙ୍କୁ ଗିରଫ କରାଯାଇଛି।

# ଖୋଲି ନାହିଁ ମଣ୍ଡି

ଅଭାବୀ ବିକ୍ରିରେ କ୍ଷତି ସହୁଛନ୍ତି ଚାଷୀ

ଖଣ୍ଡପଡ଼ା,୩୦।୧୨(ସ୍ୱ.ପ୍ର.)

ଚଳିତ ବର୍ଷ ଧାନକ୍ରୟ ପାଇଁ ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲିନାହିଁ । ଏହାର ସୁଯୋଗ ନେଇ ଏବେ ଗାଁ ଗଣ୍ଡାରେ ଦଲାଲମାନେ ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ଦରଠାରୁ କମ୍ ଦରରେ ଧାନ କ୍ରୟ କରିବା ନିମନ୍ତେ ସକ୍ରିୟ ହୋଇ ଉଠିଥିବା ଜଣାଯାଇଛି। ଦଲାଲମାନେ ଚାଷୀଙ୍କ ନିକଟରେ ପହଞ୍ଚି ଟ୍ରକ ଓ ଟ୍ରାକ୍ଟର ଲଗାଇ ଶତାଧିକ କୁଇଣ୍ଟାଲ ଧାନ କିଣୁଥିବା ନଜରକୁ ଆସୁଛି । ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀପଡା ଗ୍ରାମର ଚାଷୀମାନଙ୍କଠାରୁ ଗୁରୁବାର ଜଣେ ବ୍ୟକ୍ତି କୁଇଣ୍ଟାଲ ପିଛା ୮ଶହରୁ ୧ହଜାର ଟଙ୍କା ଦରରେ ଧାନକ୍ରୟ କରୁଥିବା ବେଳେ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ । ଫଳରେ ଧାନ ବୋଝେଇ ହୋଇଥିବା ଟ୍ରକକୁ ଅଟକ ରଖାଯାଇ ପ୍ରଶାସନକୁ ଖବର ଦିଆଯାଇଥିଲା। ୨ଘଣ୍ଟା ପରେ ବି ବ୍ଲକ ଯୋଗାଣ ନୀରିକ୍ଷକ କିମ୍ବା ତହସିଲ ପ୍ରଶାନର କୌଣସି ଅଧିକାରୀ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଥିଲେ । ଆଖପାଖ ଅଞ୍ଚଳର ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେବାର ଆଶଙ୍କା ପ୍ରକାଶ ପାଇଛି । ତେଣୁ ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବିଭିନ୍ନ ସ୍ଥାନରେ ଧାନମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି। ସେହିପରି ଧାନକ୍ରୟ କରୁଥିବା ଦଲାଲଙ୍କ କାର୍ଯ୍ୟକଳାପ ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।



ଧାନ ନେବାକୁ ଆସିଥିବା ମିନିଟ୍ରକ ।

# ନୟାଗଡ଼କୁ ୩ ସ୍ୱର୍ଣ୍ଣ, ୪ ରୌପ୍ୟ



ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଖେଳାଳି।

ବିଶ୍ୱସ୍ତରୀୟ ଟାଇକୋଣ୍ଡୋ ଭର୍ଚୁଆଲ ପ୍ରତିଯୋଗିତା

■ ୧୬ କାଂସ୍ୟ ପଦକ ବି ମିଳିଲା

ନୟାଗଡ଼ ଅଫିସ, ୩୦।୧୨

ଚଳିତ ମାସ ୨୨ରୁ ୨୭ ମଧ୍ୟରେ ପ୍ରଥମ ବିଶ୍ୱସ୍ତରୀୟ ଆନ୍ତର୍ଜାତୀୟ ଟାଇକୋଣ୍ଡ ଭର୍ଚୁଆଲ ପୁମସେଇ ପ୍ରତିଯୋଗିତା ୨୦୨୧ ଶେଷ ହୋଇଯାଇଛି । ଏଥିରେ ନୟାଗଡ଼ ଜିଲାକୁ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୬ କାଂସ୍ୟ ପଦକ ମିଳିଛି । ଏହାକୁ ଥାଇଲାଣ୍ଡସ୍ଥିତ ହିରୋଜ୍ ଟାଇକୋଣ୍ଡ ସଙ୍ଗଠନ ଓ ଓଡ଼ିଶା ଟାଇକୋଣ୍ଡ ସଂଘ ପୁରୀ ମିଳିତ ଭାବେ ପରିଚାଳନା କରିଥିଲେ । ଏଥିରେ ବିଶ୍ୱର ୧୪ଟି ଦେଶର ପ୍ରାୟ ୯୯୬ ଜଣ ପ୍ରତିଯୋଗୀ ଉଭୟ ପୁମସେଇ (ପ୍ରୟୋଗ) ଓ ଦ୍ରୁତ ଗୋଡ଼ ଦ୍ୱାରା ପ୍ରହାରରେ ଭାଗ ନେଇଥିଲେ । ଏହି ପ୍ରତିଯୋଗିତାରେ ସ୍ଥାନୀୟ ନିୟୁ ରାଜବାଟିସ୍ଥିତ ନୟାଗଡ଼ ମାର୍ଶାଲ ଆର୍ଟ ଏକାଡେମୀର ୧୪ ବାଳିକା ଓ ୯ ବାଳକ ପୁମସେଇ (ପ୍ରୟୋଗ) ବିଭାଗରେ ଅଂଶଗ୍ରହଣ କରିଥିଲେ । ବାଳିକାମାନଙ୍କ ମଧ୍ୟରୁ ଆଫରିନ ନାଜ୍ ଓ ଓମ୍ କ୍ରିଷ୍ଣା ପ୍ରଧାନ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଦିବ୍ୟା ପ୍ରିୟା ଏବଂ ସରଜିନ୍ ରାଉଳ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସ୍ମୃତି ସୁରଭି ମହାପାତ୍ର, ଶ୍ୱେତା ଶିବାନୀ ରାଉତ, ପ୍ରୀତିପ୍ୟୁଷା ରାୟଗୁର, ଫରହିନ ନାଜ୍, ପ୍ରିୟମ୍ବଦା ମିଶ୍ର, ବର୍ଷା ପ୍ରିୟଦର୍ଶିନୀ, ଆକାଂକ୍ଷା ଅମ୍ରିସ୍ମିତା, ସାଇ ସାଧନା ପ୍ରଧାନ, ରୁଦ୍ରାକ୍ଷିଂ ଆଚାର୍ଯ୍ୟ, ସାଇ ଶରଣ୍ୟା ମହାପାତ୍ର କାଂସ୍ୟ ପଦକ ହାସଲ କରିଛନ୍ତି ।

ବାଳକ ବିଭାଗରେ ଶକ୍ତି ସ୍ୱରୁପ ମିଶ୍ର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଦେବାଶିଷ ମହାନ୍ତି ଓ ସମରିତ ଅଗସ୍ତି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ପ୍ରତୀକ ପ୍ରିୟଦର୍ଶୀ, ହିତେସ ବେହେରା, ଆଶୁଂକୁମାର ସାହୁ, ସାଇ ନମନ ପାତ୍ର, ଅଚ୍ୟୁତାନନ୍ଦ ରାଉତ, ସାଇ ସାଶ୍ୱତ ମହାନ୍ତି କାଂସ୍ୟ ପଦକ ହାସଲ କରିଛନ୍ତି ବୋଲି ନୟାଗଡ଼ ମାର୍ଶାଲ ଆର୍ଟ ଆକାଡେମୀର ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଭବାନୀ ଶଙ୍କର ରାୟଗୁରୁ ଜଣାଇଛନ୍ତି ।

### କାଠ ଡଙ୍ଗା ଜବତ, ୨ ଗିରଫ

ଦଶପଲ୍ଲା,୩୦।୧୨ (ଡି.ଏନ.ଏ.)

ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଡୁମାଣ୍ଡି ନିକଟରେ ବନ ବିଭାଗ ତରଫରୁ ଚଢାଉ କରାଯାଇ କାଠରେ ନିର୍ମିତ ଡଙ୍ଗା ସହ ଏକ ବାଇକ୍‌କୁ ଜବତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରା ଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ ଧିଆ ବେହେରା, ବାବୁଲି ମଲ୍ଲିକ । ନିକଟସ୍ଥ ଜଙ୍ଗଲରେ ଏହି ଡଙ୍ଗା ତିଆରି କରାଯାଇ ରାତିରେ କୁଆଁରିଆ ଡ୍ୟାମ୍‌କୁ ଅଣାଯାଉଥିଲା। କୌଣସି ସୂତ୍ରରୁ ଖବର ପାଇ ଟାକେରା ଫରେଷ୍ଟରର ଜୟ ପ୍ରଧାନ ଫରେଷ୍ଟ ଗାର୍ଡ ଅବିନାଶ ସେନାପତି, ସୁକାନ୍ତି ସାହୁଙ୍କ ସହିତ ଚଢାଉ କରି ସେହି ୨୧ଫୁଟ୍ ଲମ୍ବ ଓ ୫ ଫୁଟ୍ ଓସାରର ଡଙ୍ଗାକୁ ଜବତ କରିଥିଲେ ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ନୟାଗଡ଼ ଅଫିସ,୩୦।୧୨

ନୟାଗଡ଼ ବ୍ଲକ ଭାଟସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁର୍ଗାମାଧବ ପଟ୍ଟନାୟକଙ୍କ ବୁଧବାର ନିଜ ଗାଁ ମାଙ୍କପଲ୍ଲିରେ ହୃଦଘାତରେ ପରଲୋକ ହୋଇଛି । ତାଙ୍କୁ ୬୭ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ୨ପୁଅ ଓ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ମୃତଦେହ କରାଯାଇଛି। ତାଙ୍କ ମୃତ୍ୟୁରେ ନୟାଗଡ଼ରେ ଶୋକଛାୟା ଖେଳିଯାଇଛି।

### ରନ୍ଧାଖାଦ୍ୟ ବଣ୍ଟନ

ନୟାଗଡ଼ ଅଫିସ,୩୦।୧୨

ନୟାଗଡ଼ ଜିଲା ଭାପୁର ବ୍ଲକର ଶାଖା ହେଲ୍‌ପିଙ୍ଗ ହ୍ୟାଣ୍ଡ ଫାଉଣ୍ଡେଶନ ତରଫରୁ ବାଙ୍କୋଇ ବୃଦ୍ଧାଶ୍ରମରେ ଅନ୍ତେବାସୀମାନଙ୍କୁ ରନ୍ଧାଖାଦ୍ୟ, ମାସ୍କ ଓ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ଗୋଳାପୋଖରୀ ପଞ୍ଚାୟତ ତରବାଲୋ ଗାଁରେ ଛୋଟ ପିଲାଙ୍କୁ କେବଳ ମାସ୍କ ବଣ୍ଟନ ହୋଇଛି । ଏହାସହିତ ଗରିବ ଓ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି।

# ସ୍କୁଲର ଉନ୍ନତି ଉପରେ ଗୁରୁତ୍ୱାରୋପ

ଖଣ୍ଡପଡ଼ା,୩୦।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ନୋଡ଼ାଲ ବିଦ୍ୟାପୀଠ 'ମୋ ସ୍କୁଲ ଅଭିଯାନ'ର ଏକ ବୈଠକ ଅଭିଯାନର ସଭାପତି ଡ. ଅର୍ଜୁନ ସାହୁଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ବୈଠକରେ ବହୁ ପୁରାତନ ଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟତଃ ଏହି ଶିକ୍ଷାନୁଷ୍ଠାନର ରୁପାନ୍ତରଣ ହେବା ପାଇଁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଥିବାରୁ ଏବଂ ଏଥିପାଇଁ ବିଦ୍ୟାଳୟ ପାଣ୍ଠିକୁ ୨୦ ଲକ୍ଷ ଟଙ୍କା ଅନୁଦାନ କଣ୍ଟିଲୋ ପଞ୍ଚାୟତ ପାଣ୍ଠିରୁ ମିଳିଥିବାରୁ ଉକ୍ତ ଟଙ୍କାକୁ ବିଡିଓଙ୍କୁ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବିଦ୍ୟାଳୟରେ ମହଜୁଦ ଥିବା ପୁରୁଣା କାଠ ଉପକରଣ ଓ ଛପର ଟିଣ ଇତ୍ୟାଦିକୁ ନିଲାମ କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା। ସରକାରଙ୍କ ଦ୍ୱାରା ବିଦ୍ୟାଳୟ ରୁପାନ୍ତରଣ କାର୍ଯ୍ୟ ତଦାରଖ ନିମନ୍ତେ ଏକ କମିଟି ମଧ ଗଠନ କରାଯାଇଥିଲା। ବିଦ୍ୟାଳୟ ଖେଳ ପଡ଼ିଆ ଓ ପୁରାତନ ଶ୍ରେଣୀଗୃହକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଥିବାରୁ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୋସ୍କୁଲ ଅଭିଯାନ କମିଟି ସମ୍ପାଦକ ତଥା ପ୍ରଧାନ ସିକ୍ଷକ ମନୋଜ କୁମାର ନାୟକଙ୍କୁ କ୍ଷମତା ପ୍ରଦାନ କରାଗଲା। ଏହି ଆଲୋଚନାରେ ଶରତ ଚନ୍ଦ୍ର ମହାରଣା, ରାମେଶ୍ୱର ଶତପଥୀ, ଅଖିଳ କୁମାର ମହାରଣା, ସୁରେନ୍ଦ୍ର ନାଥ ସାହୁ, ଦିଲ୍ଲୀପ କୁମାର ସାହୁ, ରାମଚନ୍ଦ୍ର କାଣ୍ଟି, ଶ୍ରୀପତି ମହାରଣା, ପ୍ରଭାକର ଶିରୋମଣି, ସରୋଜ କୁମାର ମିଶ୍ର, ମାଧବ ଚନ୍ଦ୍ର ସାହୁ, ଅଜୟ କୁମାର ମହାରଣା, ପ୍ରଫୁଲ୍ଲ କୁମାର ସାହୁ, ପ୍ରଫୁଲ୍ଲ କୁମାର ମିଶ୍ର, ସନ୍ତୋଷ କୁମାର ମିଶ୍ର, ଅନନ୍ତ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ତଥା ବିକାଶ ଦିଗରେ ସାହାଯ୍ୟ ସହ ଯୋଗ କରିବେ ବୋଲି ମତ ବ୍ୟକ୍ତ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ବିଶ୍ୱନାଥ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।



ମୋ ସ୍କୁଲ ଅଭିଯାନ ବୈଠକ

# ଇନ୍‌ଡୋର ଷ୍ଟାଡିୟମ,ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ

ଓଡ଼ଗାଁ,୩୦।୧୨(ସ୍ୱ.ପ୍ର.)

ଗୁରୁବାର ନୟାଗଡ଼ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓଡ଼ଗାଁ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିବା ସହିତ ସ୍ଥାନୀୟ ପୂର୍ତ୍ତ ବଙ୍ଗଳାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ଓଡ଼ଗାଁ ବ୍ଲକ୍ ରାବେରା ଗ୍ରାମରେ ମନ୍ତ୍ରୀ ସାହୁ କୃଷି ଜାତ ଦ୍ରବ୍ୟ ବିକ୍ରି ପାଇଁ ଭିତ୍ତିଭୂମି ନିର୍ମାଣ କରିବାକୁ ୨ କୋଟି ୫୪ ଲକ୍ଷ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହାଦ୍ୱାରା ଛତୁ ଚାଷୀ ବହୁଳ ସଂଖ୍ୟାରେ ଉପକୃତ ହେଉଥିବା ସୂଚନା ମିଳିଥିଲା । ଏହା ସହିତ ସ୍ଥାନୀୟ ଏନ୍‌ଏସି ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ନିମନ୍ତେ ୩୦ କୋଟି ୨୨ ଲକ୍ଷ ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର, ସ୍ଥାନୀୟ ହାଇସ୍କୁଲ ଖେଳ ପଡ଼ିଆରେ ୬ କୋଟି ୪୨ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ବିଜୁ ପଟ୍ଟନାୟକ ବହୁମୁଖି ଇନ୍‌ଡୋର ଷ୍ଟାଡିୟମର ଶିଳାନ୍ୟାସ, ଗୋଡିପଲ୍ଲି-କୁରାଳ ପୂର୍ତ୍ତ ବିଭାଗ ରାସ୍ତାରେ ୧ କୋଟି ୧୫ ଲକ୍ଷ ଟଙ୍କା ଅନୁଦାନରେ ନିର୍ମାଣ ହେବାକୁ ଥିବା କୁସୁମୀ ସେତୁ ପାଇଁ ମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଏହାସହିତ ସ୍ଥାନୀୟ ପୂର୍ତ୍ତ ବିଭାଗୀ ଡାକ ବଙ୍ଗଳାର ଉପର ମହଲାରେ ୨୨ଲକ୍ଷ ୧୪ ହଜାର ଟଙ୍କାରେ ନିର୍ମାଣ ହୋଇଥିବା ଭିଭିଆଇପି ନୂତନ କୋଠାର ଉଦ୍‌ଘାଟନ ମନ୍ତ୍ରୀ କରିଥିଲେ। ମନ୍ତ୍ରୀ ସାହୁଙ୍କ ସହିତ ଜିଲାପାଳ ପୋମା ଟୁଡୁ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜାତଶତ୍ରୁ ସାହୁ,ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରା, ଜିଲା କ୍ରୀଡା ଅଧିକାରୀ ସୁଜାତା ସାହୁ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର, ବିଡ଼ିଓ ସ୍ୱାତୀଲେଖା ଦାସଙ୍କ ସହିତ ନିର୍ବାଚିତ ସଦସ୍ୟମାନେ ଉପସ୍ଥିତ ଥିଲେ ।



ଶିଳାନ୍ୟାସ ଓ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ ।

ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଉଦ୍‌ଘାଟନ